# କେନ୍ଦୁଝର : ଜିଲ୍ଲାପାଳ ନୂଆ ବର୍ଷ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ



କେନ୍ଦୁଝର, ତା ୦୧.୦୧. ନୂଆବର୍ଷ ଅବସରରେ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲାବାସୀଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲାର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି । ଜିଲ୍ଲାରେ ସେବାରତ ଅଧିକାରୀ/କର୍ମଚାରୀମାନଙ୍କୁ ନବବର୍ଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନେ ନିଜର କର୍ତବ୍ୟ ପ୍ରତି ସଚେତନ ରହି ଜିଲ୍ଲାବାସୀଙ୍କୁ ସେବା ଯୋଗାଇ ଦେବା ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଛନ୍ତି ।।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ,

କେନ୍ଦୁଝର